# ଏଇଟା କ'ଣ ପୁଅ ଜାଣିବା କଥା !

## (ଦୁଇସାଙ୍ଗଙ୍କ କଥାବାର୍ତ୍ତା)




**ପ୍ରକାଶକ :** ଆଇନା
ପ୍ଲଟ ନମ୍ବର-୭୦/୩୫୩୦(ତଳ ମହଲା)
ଜୟଦେବ ବିହାର, ଭୁବନେଶ୍ୱର-୧୩
ଦୂରଭାଷ- ୦୬୭୪-୨୩୬୦୬୩୦
ଇ-ମେଲ୍: info@aaina.org.in
**ସହାୟତା:** ୟୁନିସେଫ୍, ଓଡିଶା
**ପରିକଳ୍ପନା:** ସ୍ନେହ ମିଶ୍ର
**ଉପସ୍ଥାପନା:** ବସନ୍ତ ପଟ୍ଟନାୟକ
ପଲ୍ଲିଶ୍ରୀ ସେଣ୍ଠ
ମୋନାଲିସା ମିଶ୍ର
**ଚିତ୍ରକାର:** ଧର୍ମାନନ୍ଦ ସ୍ୱାଇଁ
**ସମ୍ପାଦନା:** ପ୍ରଦ୍ୟୁମ୍ନ ରଥ, ସ୍ମିତି ମହାନ୍ତି
**ପ୍ରଥମ ସଂସ୍କରଣ :** ୨୦୨୨
**ମୁଦ୍ରଣ:** ଇଣ୍ଟେକାଡ୍,ସହିଦ ନଗର

କାରୁ (ପୁଅ) ଓ ମିରୁ (ଝିଅ) ଦୁଇ ସାଙ୍ଗ । ଉଭୟ ସପ୍ତମ ଶ୍ରେଣୀରେ ପାଠ ପଢନ୍ତି । ଦୁହେଁ ଗୋଟିଏ ଗାଁର ହୋଇ ଥିବାରୁ ଉଭୟଙ୍କ ମଧ୍ୟରେ ବନ୍ଧୁତା ଖୁବ୍ ଭଲଥାଏ । ସାଙ୍ଗ ଭାବରେ ଉଭୟ ପ୍ରତିଟି କଥା ନିଜ ଭିତରେ ବାଣ୍ଟିଥାନ୍ତି । ଆଜି ମିରୁ ସ୍କୁଲରେ କାନ୍ଦିବାର ଦେଖି ତାକୁ ସାନ୍ତ୍ୱନା ଦେବାକୁ ଚେଷ୍ଟା କରୁଛି କାରୁ । ଆସ ଜାଣିବା ମିରୁର କ'ଣ ହୋଇଛି ?


ତୋର କ'ଣ ହେଇଛି,
ତୁ କାନ୍ଦୁଛୁ କାହିଁକି ?
ଜାଣିନି କ'ଣ ହେଇଛି..
କିନ୍ତୁ...
କିନ୍ତୁ କ'ଣ.. କହୁନୁ
ଏଇଟା ତ ରକ୍ତ..
କଉଠି ପଡିଗଲୁ ନା କଣ...
ନା.. ନା ପଡିନି..


ତା ମାନେ ତୋର ବୋଧେ ପିରିୟଡସ ହୋଇଛି ।
ପିରିୟଡସ.. ସେଇଟା କଣ । ତୋର ବି କ'ଣ ପିରିୟଡସ୍ ହେଇଛି କି..
ନାଁ... ପିରିୟଡସ୍ କେବଳ ଝିଅମାନଙ୍କର ହୁଏ, ଯାହା ମା ହେବାପାଇଁ ଶରୀରକୁ ପ୍ରସ୍ତୁତ କରିଥାଏ ।


ଶୁଣ.. ମିରୁ, ବ୍ୟସ୍ତ ହଅନି.. ତୁ ଆଗ ଯାଆ ଦିଦିଙ୍କୁ କହି ସଫା ସୁତରା ହୋଇ ଆସିବୁ । ମୁଁ ତତେ ସବୁ ପରେ ବୁଝେଇବି । .....
ତୁ ଏମିତି କହୁଛୁ...ଯେମିତି ସବୁ ଜାଣିଛୁ ହଉ ରହ ..ମୁଁ ଆଗ ଯାଇ ପରିଷ୍କାର ହେଇକି ଆସୁଛି ।


ଆରେ.. ଏତେ ସମୟ ହେଇଗଲା..
ମିରୁ ଆଉ ଆସିଲାନି ଯେ.. ମୁଁ ଯାଉଛି ଘରକୁ ଯିବି ।
ମିରୁ..... ମିରୁ .. ..
ତୁ ଆଉ ଆସିଲୁନି ଯେ,
ମୁଁ ତତେ ଅପେକ୍ଷା କରିଥିଲି ।
ହଁ, ମୁଁ ଦିଦିଙ୍କ ପାଖରେ ଥିଲି,
ସେ ମତେ ସବୁ ବୁଝେଇଲେ ।


ଭଲ କଥା ତ, ଦିଦି ତ ତତେ ବୁଝାଇ
ଦେଲେ ତାହେଲେ ତୁ ଏତେ ମନ ଦୁଃଖ
କରି କାଇଁ କହୁଛୁ ...
ତୋ ଦେହ କଣ ଭଲ ଲାଗୁନି କି .. ?


ତୁ ମୋତେ ଏତେ ପ୍ରଶ୍ନ କ'ଣ
ପଚାରୁଛୁ.. ତୁ ଯା ଏଠୁ..

# ତା ପର ଦିନ..


ମିରୁ... ତୁ କ'ଣ ଆଜି ଆଗ ପଳେଇ ଆସିଲୁ । ମତେ ଡାକିଲୁନି ଯେ ...
ଶୁଣ, ଏବେଠୁ ତୁ ମୋ ସହ ବେଶି ମିଶେନା, ପିରିୟଡସ୍ ହେଲା ପରେ ପୁଅ ମାନଙ୍କ ସହ ମିଶିବା ମନା.. ହେଲା..
କିଏ କହିଲା, ମୁଁ ଆଉ ମୋ ନାନୀ ତ ଆଗ ଭଳି ମିଶୁଛୁ.. କାଇଁ ଆମର ତ କିଛି ଅସୁବିଧା ହଉନି..
ତୁ.. ତ ବେଶି ଜାଣିଛୁ, ମୋର ହେଇଛି ନାଁ ତୋର..

# କିଛି ଦିନ ପରେ..


କାରୁ କାରୁ.. ତୁ ମତେ ସେଦିନ ଯଉ ତୋ ସହ ମିଶିବା କଥା କହୁଥିଲୁ.. ଖାଲି କ'ଣ ସେତିକି, ସେଥିରେ ଆହୁରି ଅନେକ କଥା ଯୋଡି ହୋଇଗଲାଣି ରେ.. ଯେମିତି କି ସାଙ୍ଗରେ ଖାଇବୁନି, ଗଛ ଛୁଇଁବୁନି, ଏକଲା ବାହାରକୁ ଯିବୁନି ଭଳି ଅନେକ କଥା.. ଯାହା ମତେ ଆଦୌ ଭଲ ଲାଗୁନି ।




ହଁ ବା.. ଏମିତି ଅନେକ କଥା ଅଛି, ହେଲେ ଏଗୁଡାକ ସବୁ ଭୁଲ୍ । ଏଇଟା ତ ଆମ ଶରୀରର ପ୍ରାକୃତିକ କଥା, ତା ସହିତ ଏମିତି କିଛି ମିଛ ବାରଣ ଗୁଡିକ ଯୋଡି ଖାଲି ଝିଅ ମାନଙ୍କୁ ହଇରାଣ କରୁଛନ୍ତି ।


ତୁ ଜାଣିଛୁ.. ଏଇ ସମୟରେ ନିଜ ଶରୀରର ଯତ୍ନ ନେବା କଥା, ପରିଷ୍କାର ପରିଚ୍ଛନ୍ନ ରହିବା କଥା, ବିଶ୍ରାମ ସହିତ ସୁଷମ ଖାଦ୍ୟ ମଧ୍ୟ ଖାଇବା କଥା.. .. ସବୁଠୁ ବଡ କଥା ନିଜ ମନ ଲାଖି କାମ ବି କରିବା କଥା ।


ତୋର ତ ପିରିୟଡସ ନାହିଁ.. ତୁ ଏତେ କଥା କେମିତି ଜାଣିଛୁ ।
ଆରେ କିଛି ଦିନ ତଳେ ନାନୀର ପିରିୟଡସ୍ ହେଇଥିଲା, ମା ତା ସହିତ ମତେ ବି ସବୁ ବୁଝେଇ ଥିଲେ । ହେଲେ ମା ନାନୀ କୁ ଏସବୁ ଭୁଲ ଧାରଣା ଗୁଡିକ ମାନିବାକୁ ମନା କରିଛନ୍ତି । ଆଉ ନାନୀ ବି ଏସବୁ କିଛି ମାନୁନି କାଇଁ ତାର ତ କିଛି ଅସୁବିଧା ହଉନି ।


ଆରେ ବାଃ ! ମାଉସୀ ତତେ ସବୁ କହିଲେ..
ତାହାଲେ ଅନ୍ୟ ମାନେ କାହିଁକି
ପୁଅ ମାନଙ୍କୁ କହିବା ପାଇଁ ମନା କରୁଛନ୍ତି ।
ସେଇଟା ସମସ୍ତଙ୍କର ଭୁଲଧାରଣା.. ମା ତ କହିଲେ କି.. ପୁଅ ମାନେ ବି ଏସବୁ ବିଷୟରେ ଜାଣିବା କଥା. ପୁଅ ମାନେ ଏଇ କଥା ଜାଣୁନାହାଁନ୍ତି ବୋଲି ପିରିୟଡସ୍ କୁ ନେଇ ଥଟା ମଜା କରନ୍ତି.. ତେଣୁ ସମସ୍ତେ ଏ ବିଷୟରେ ଜାଣିଲେ ସିନା ସମାଜରେ ସଚେତନତା ବଢିବ ।
କାରୁ.. ତୋ ଭଳିଆ ଯଦି ସମସ୍ତେ ଏମିତି ଜାଣିପାରନ୍ତେ ଏବଂ ବୁଝିପାରନ୍ତେ, ତେବେ ଝିଅ ମାନଙ୍କ ଜୀବନଟା ଆଉ ଟିକେ ସହଜ ହୋଇ ପାରନ୍ତା ।
ଆହୁରି ବି ସହଜ ହେଇପାରିବ.. ଯଦି ତୁ ଏଇ ପିରିୟଡ ବ୍ରେସଲେଟ ଟିକୁ ପାଖରେ ରଖିବୁ ।
ପିରିୟଡ ବ୍ରେସଲେଟ.. ସେଇଟା କ'ଣ ?

ପିରିୟଡ ବ୍ରେସଲେଟଟିକୁ ୨୮ଟି ମାଳିରେ ଗୁନ୍ଥା ହୋଇଛି । ଯେଉଁଥିରେ ୨୩ଟି ଧଳା ଏବଂ ୫ଟି ଲାଲ ମାଳି ଅଛି । ଧଳା ମାଳିଗୁଡିକ ମାସର ସାଧାରଣ ଦିନ ଭାବେ ଗଣା ଯିବା ସହ ଲାଲ ମାଳିକୁ ପିରିୟଡସ ଦିନ ଭାବେ ଗଣା ଯାଏ । ଏହାକୁ ହାତରେ ପିନ୍ଧିଲେ ଖୁବ ସହଜରେ ତୁ ତୋ ମାସିକ ତାରିଖକୁ ମନେ ରଖି ପାରିବୁ ।





ଆରେ..ବାଃ.. ଏଇଟା ଭଲ ବ୍ରେସଲେଟ ଟିଏ । ମୁଁ ତ ୟାକୁ ପିନ୍ଧିବି ଓ ଅନ୍ୟ ମାନଙ୍କୁ ପିନ୍ଧିବା ପାଇଁ ବି କହିବି ।



ଯାହା ହଉ କାରୁ ମାଉସୀ ତୋତେ ପିରିୟଡସ ବିଷୟରେ ଏତେ କଥା ଜଣାଇଥିଲେ ସେଥିପାଇଁ ତ ତାଙ୍କୁ ବହୁତ ଧନ୍ୟବାଦ । ତୋତେ ବି ଧନ୍ୟବାଦ କି, ତୁ ମୋତେ ବିନା ଦ୍ୱିଧାରେ ଏତେ ସବୁ ବୁଝେଇଲୁ ।



ତୁ ଧନ୍ୟବାଦ କଣ କରୁଛୁ ଆମେ ପରା ଦୁଇ ସାଙ୍ଗ, ଧନ୍ୟବାଦ ନୁହଁ ସଚେତନ ହେବା ଦରକାର । ଆଜି ମୁଁ ତୋତେ ବୁଝେଇଲି, କାଲି ତୁ ଆଉ କାହାକୁ ବୁଝେଇବୁ । ସମସ୍ତଙ୍କ ପାଖରେ କେମିତି ଏଇ ସଚେତନତା ବାର୍ତ୍ତାକୁ ପହଞ୍ଚାଇବା ସେଥିପାଇଁ ଚେଷ୍ଟା କରିବାକୁ ପଡିବ । ତେବେ ଯାଇ ଆମ ସମାଜରରେ ଥିବା ଭୁଲ ଧାରଣା ଗୁଡିକ ଦୂର ହୋଇପାରିବ ଓ ସଚେତନତା ବଢିବ..



aaina

ପ୍ଲଟ ନମ୍ବର-୭୦/୩୫୩୦(ତଳ ମହଲା)
ଜୟଦେବ ବିହାର, ଭୁବନେଶ୍ୱର-୧୩
ଦୂରଭାଷ- ୦୬୭୪-୨୩୬୦୬୩୦, ୯୯୩୭୪୬୪୩୧୭
ଇ-ମେଲ: info@aaina.org.in